# NATIONAL NEWS BULLETIN (ODIA)

## 28th July - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ବି.ଜେ.ପି. ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଉଦ୍‌ଯାପିତ ।

— କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ।

- ପ୍ୟାରିସ୍ ଅଲିମ୍ପିକ୍ସରେ ଦେଶପାଇଁ ପ୍ରଥମ ପଦକ ଜିତିଲେ ମହିଳା କ୍ରୀଡ଼ାବିତ୍ ମନୁ ଭାକର ।

— ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟାନ୍ୱୟନର ଚତୁର୍ଥ ବାର୍ଷିକୀ ସମାରୋହ ଆସନ୍ତାକାଲି ଅନୁଷ୍ଠିତ ହେବ ନୂଆଦିଲ୍ଲୀରେ ।

- ଦିଲ୍ଲୀ ଛାତ୍ର ମୃତ୍ୟୁଘଟଣାରେ ମଙ୍ଗଳବାର ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ ଉପରାଜ୍ୟପାଳ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ଫାଇନାଲ୍‌ରେ ଭାରତ ବିପକ୍ଷରେ ଶ୍ରୀଲଙ୍କା ୮ ଓ୍ୱିକେଟ୍‌ରେ ବିଜୟୀ ।

## ପି.ଏମ୍. - ବି.ଜେ.ପି. ସି.ଏମ୍. ମିଟ୍

ବି.ଜେ.ପି. ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇଦିନିଆ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଆଜି ଶେଷ ହୋଇଛି । ଉଦ୍‌ଯାପନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଦୃଢ଼ ସହଯୋଗ ଭିତ୍ତିରେ କାର୍ଯ୍ୟ କଲେ ଦେଶ ସମସ୍ତ ଲକ୍ଷ୍ୟ ହାସଲ କରିପାରିବ । ଏହି ଅବସରରେ ବି.ଜେ.ପି. ସୁଶାସନ ସେଲ୍‌ର ସଂଯୋଜକ ବିନୟ ସହସ୍ରବୁଦ୍ଧେ କହିଛନ୍ତି, ପ୍ରଧାନମନ୍ତ୍ରୀ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀ ଦୃଢ଼ ଏବଂ ସମନ୍ୱୟଭିତ୍ତିକ କରିବା ଦିଗରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ

କହିଛନ୍ତି, ବିକଶିତ ଭାରତର ଗୁରୁତ୍ୱକୁ ଉପଲକ୍ଷ୍ୟ କରି ଐତିହ୍ୟ ସ୍ଥଳୀଗୁଡ଼ିକର ବିକାଶ ଏବଂ ନୂତନ ଐତିହ୍ୟ ସ୍ଥଳୀ ସୃଷ୍ଟି ନିମନ୍ତେ ଗୁରୁତ୍ୱ ଆରୋପ କରାଯାଉଛି । ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ବି.ଜେ.ପି.ର ବରିଷ୍ଠ ନେତାମାନେ ବୈଠକରେ ଯୋଗ ଦେଇଥିଲେ । ବି.ଜେ.ପି. ଶାସିତ ରଜ୍ୟାଗୁଡ଼ିକର ୧୩ ଜଣ ମୁଖ୍ୟମନ୍ତ୍ରୀ ଏବଂ ୧୫ ଜଣ ଉପମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକରେ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ, ବି.ଜେ.ପି. ପକ୍ଷରୁ ଏହିଭଳି ବୈଠକ ବିଭିନ୍ନ ସମୟରେ କରାଯାଇଥାଏ ଓ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ପରିଷଦର ଏହା ହେଉଛି ଦ୍ୱିତୀୟ ବୈଠକ ।

## ଅଲିମ୍ପିକ୍ - ମନୁ ଭାକର - ବ୍ରୋଞ୍ଜ୍

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ର ଆଜି ଦ୍ୱିତୀୟ ଦିନରେ ଭାରତର ପ୍ରଥମ ମହିଳା କ୍ରୀଡ଼ାବିତ୍ ଭାବେ ମନୁ ଭାକର ପଦକ ହାସଲ କରିଛନ୍ତି । ବନ୍ଧୁକଚାଳକ ମନୁ ଭାକର ଭାରତ ପାଇଁ ୧୦ ମିଟର ଏୟାର ପିସ୍ତଲ ଫାଇନାଲ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ସେ ପ୍ରଥମ ମହିଳା ବନ୍ଧୁକଚାଳକ ଭାବେ ଅଲିମ୍ପିକ୍ସ ପଦକ ହାସଲ କରିଛନ୍ତି । ମନୁ ଭାକର

୨୨୧ ଦଶମିକ ୭ ପଏଣ୍ଟ୍ ହାସଲ କରି ଏହି ପଦକ ବିଜୟୀ ହୋଇଛନ୍ତି । ସେ ତାଙ୍କର କୋରିଆ ପ୍ରତିଯୋଗୀ କିମ୍ ୟେଜି ଏବଂ ଓ ୟେ ଜିନ୍‌ଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ଭାରତ ଦୀର୍ଘ ୧୨ ବର୍ଷ ପରେ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଏହି ପଦକ ହାସଲ କରିଛି ।

## ପ୍ରେଜ ପି.ଏମ୍. - ମନୁ ଭାକର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍ ଅଲିମ୍ପିକ୍ସରେ ମହିଳା ବନ୍ଧୁକଚାଳକ ମନୁ ଭାକର ୧୦ ମିଟର ଏୟାର ପିସ୍ତଲ ପ୍ରତିଯୋଗିତାରେ ଭାରତପାଇଁ ପ୍ରଥମ ବ୍ରୋଞ୍ଜ୍ ପଦକ ହାସଲ କରିଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଚଳିତ ଅଲିମ୍ପିକ୍ସରେ ବନ୍ଧୁକଚାଳନା ପ୍ରତିଯୋଗିତାରେ ପଦକ ହାସଲ କରିବାରେ ମନୁ ଭାକର ହେଉଛନ୍ତି ପ୍ରଥମ ଭାରତୀୟ ମହିଳା । ମନୁ ଭାକର ଭାରତପାଇଁ ଗୌରବ ଆଣିଛନ୍ତି । ତାଙ୍କର କ୍ରୀଡ଼ା ପ୍ରତିଭା କ୍ରୀଡ଼ାବିତ ବିଶେଷକରି ମହିଳାମାନଙ୍କୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ଶ୍ରୀମତୀ ମୁର୍ମୁ ମନୁ ଭାକରଙ୍କ ପ୍ରତିଭା ଆଗାମୀ ଦିନରେ ଶିଖରରେ ପହଞ୍ଚିବା ଲାଗି କାମନା କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନ୍‌ଖଡ୍ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ମନୁ ଭାକରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ଧନ୍‌ଖଡ୍ କହିଛନ୍ତି, ଭାରତ ପାଇଁ ମନୁ ଭାକର ପଦକ ତାଲିକା ଖୋଲିବା ସହ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ସେ ପ୍ରଥମ ମହିଳା ଅଲିମ୍ପିକ୍ସ ବିଜୟୀ ହୋଇଛନ୍ତି । ତାଙ୍କର ସଫଳତା ଅଗଣିତ ମହିଳା ପ୍ରତିଯୋଗୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଭାରତ ପାଇଁ ଐତିହାସିକ ପଦକ ବୋଲି କହିଛନ୍ତି । ଏହା ଭାରତ ପାଇଁ ଅନନ୍ୟ ସଫଳତା ଏବଂ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ମନୁ ଭାକର ପ୍ରଥମ ଭାରତୀୟ ମହିଳା ଭାବେ ପଦକ ହାସଲ କରିଥିବାରୁ ଏହି ସଫଳତା ସ୍ୱତନ୍ତ୍ର ବୋଲି ସେ ବର୍ଣ୍ଣନା କରିଛନ୍ତି ।

## ଅଲିମ୍ପିକ୍ସ - ଆର୍ଚେରୀ

ମହିଳା ତୀର ଚାଳନା ପ୍ରତିଯୋଗିତାରେ ଆଜି ଭାରତର ଦୀପିକା କୁମାର, ଅଙ୍କିତା ଭକତ ଏବଂ ଭଜନ କୌର କ୍ୱାର୍ଟର୍ ଫାଇନାଲ୍‌ରେ ଅବତୀର୍ଣ୍ଣ ହେବେ । ଅନ୍ୟପକ୍ଷରେ ବ୍ୟାଡ୍‌ମିଣ୍ଟନ୍‌ରେ ଦୁଇ ଥରର ଅଲିମ୍ପିକ୍ସ ବିଜେତା ପି.ଭି. ସିନ୍ଧୁ ୨୧-୯, ୨୧-୬ ସେଟ୍‌ରେ ତାଙ୍କ ପ୍ରତିପକ୍ଷ ଫାତିମାଥଙ୍କୁ

ପରାସ୍ତ କରିଛନ୍ତି । ପୁରୁଷ ବ୍ୟାଡ୍‌ମିଣ୍ଟନ୍ ସିଙ୍ଗଲ୍‌ସ୍‌ରେ ଏଚ୍.ଏସ୍. ପ୍ରଣୟ ଆଜି ଗ୍ରୁପ୍ ପର୍ଯ୍ୟାୟରେ ଜର୍ମାନୀର ଫ୍ରେବିୟନ୍ ରୋଥ୍‌ଙ୍କ ସହ ମୁକାବିଲା କରିବେ ।

ସନ୍ତରଣ ପ୍ରତିଯୋଗିତାରେ ଭାରତର ସର୍ବକନିଷ୍ଠ ଖେଳାଳି ଧିନିଧି ଦେସିନ୍ଧୁ ଆଜି ୨୦୦ ମିଟର ଫ୍ରି-ଷ୍ଟାଇଲ୍ ସନ୍ତରଣରେ ଭାଗ ନେଉଥିବାବେଳେ ୧୦୦ ମିଟର ବାଧା ସନ୍ତରଣରେ ଶ୍ରୀହରି ଭାଗ ନେବେ ।

ସେହିପରି ମୁଷ୍ଟିଯୋଦ୍ଧାରେ ଭାରତର ନିଖତ ଜରିନ୍ ମହିଳା ୫୦ କିଲୋଗ୍ରାମ୍ ପର୍ଯ୍ୟାୟରେ ପ୍ରଦର୍ଶନ କରିବେ ।

## ଅଲିମ୍ପିକ୍ - ଟେବୁଲ୍ ଟେନିସ୍

ଭାରତର ଟେବୁଲ୍ ଟେନିସ୍ ତାରକା ଶରତ କମଲ ସ୍ଲୋଭେନିଆର ଡେନି କୋଜୁଲ୍‌ଙ୍କଠାରୁ ୨-୪ ସେଟ୍‌ରେ ପରାସ୍ତ ହୋଇଛନ୍ତି । ଷଷ୍ଠ ପର୍ଯ୍ୟାୟରେ ଶରତ ୬ ପଏଣ୍ଟରେ ଆଗୁଆ ଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟ ସେ ସ୍ଲୋଭେନିଆ ପ୍ରତିଯୋଗୀଙ୍କଠାରୁ ପରାଜିତ ହୋଇଥିଲେ ।

ଭାରତୀୟ ବନ୍ଧୁକଚାଳକ ରମିତା ଜିନ୍ଦଲ୍ ମହିଳା ୧୦ ମିଟର ଏୟାର୍ ରାଇଫଲ୍ ପ୍ରତିଯୋଗିତାରେ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ରମିତା ପଞ୍ଚମ ପର୍ଯ୍ୟାୟରେ ୬୩୧ ଦଶମିକ ୫ ସ୍କୋର କରି ଫାଇନାଲ୍

ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଆସନ୍ତାକାଲି ଏୟାର୍ ରାଇଫଲ୍‌ସର ଫାଇନାଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ଏଜୁକେସନ୍ - ଏନ୍.ଇ.ପି.

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀସ୍ଥିତ ମାନେକ୍‌ଶା ସେଣ୍ଟର୍ ଅଡିଟୋରିୟମ୍‌ଠାରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ସହଯୋଗିତାରେ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟାନ୍ୱୟନର ଚତୁର୍ଥ ବାର୍ଷିକ ପାଳନ କରାଯିବ । ଏହି ଅବସରରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରିତା ସମ୍ପର୍କରେ ମତପ୍ରଦାନ କରିବେ । ଶ୍ରୀ ପ୍ରଧାନ ଶିକ୍ଷା ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପନ୍ଥାର ଉଦ୍‌ଘାଟନ କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି । ଶ୍ରୀ ପ୍ରଧାନ କେତେକ ପୁସ୍ତକ ଏବଂ ଅଭିଭାଷଣ ପୁସ୍ତିକାକୁ ମଧ୍ୟ ଉନ୍ମୋଚନ କରିବେ ।

## ଦିଲ୍ଲୀ - ଏଲ୍.ଜି. - ଷ୍ଟୁଡେଣ୍ଟ୍ସ୍ ଡେଥ୍

ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏକ କୋଚିଂ ସେଣ୍ଟର୍‌ରେ ବର୍ଷା ଜଳ ଯୋଗୁଁ ୪ ଜଣ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି । ଆସନ୍ତା ମଙ୍ଗଳବାର ସୁଦ୍ଧା ଏହି ଦୁଃଖଦ ଘଟଣାର ସବିଶେଷ ତଦନ୍ତ ରିପୋର୍ଟ ଦେବାକୁ ଉପରାଜ୍ୟପାଳ ଡିଭିଜନାଲ କମିଶନର୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣା ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଗତ କିଛିଦିନ ମଧ୍ୟରେ ବିଦ୍ୟୁତ୍‌ଜନିତ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଶ୍ରୀ ସାକ୍ସେନା ସୂଚନା ଦେଇଛନ୍ତି । ଏହି ଘଟଣାରେ ଦିଲ୍ଲୀ ପୁଲିସ୍ କୋଚିଂ ସେଣ୍ଟର୍‌ର ମାଲିକ ଏବଂ ପରିଚାଳକଙ୍କୁ ଅଟକ ରଖିଛି । ଦିଲ୍ଲୀ ସରକାର ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ବାଂଲାଦେଶ - କୋଟା

ସରକାରୀ ଚାକିରିରେ ସଂରକ୍ଷଣ ନେଇ ବାଂଲାଦେଶରେ ବିକ୍ଷୋଭକାରୀଙ୍କ ନେତୃତ୍ୱ ନେଉଥିବା ୩ ଜଣ ଛାତ୍ର ସେମାନଙ୍କର ପରବର୍ତ୍ତୀ

କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି । ଗତ ୧ ମାସ ଧରି ବାଂଲାଦେଶରେ ସଙ୍ଗଠିତ ହୋଇଥିବା ଛାତ୍ର ଆନ୍ଦୋଳନ ଦୃଷ୍ଟିରୁ ସମ୍ପୃକ୍ତ ୩ ଜଣ ଛାତ୍ରନେତା ଆଜି ଏକ ଗୁପ୍ତ ସ୍ଥାନରୁ ସେମାନଙ୍କ ସଙ୍ଗଠନ ଜରିଆରେ ବାର୍ତ୍ତା ଦେଇଛନ୍ତି । ବାଂଲାଦେଶର ସମ୍ବାଦ ସରବରାହ ସଂସ୍ଥା ୟୁ.ଏନ୍.ବି. ଅନୁଯାୟୀ ସଂସଦରେ ସରକାରୀ ଚାକରିରେ ସଂରକ୍ଷଣ ବ୍ୟବସ୍ଥା ନେଇ ଆଇନ ପ୍ରସ୍ତୁତ ନିମନ୍ତେ କହିଛନ୍ତି । ଏହା ବ୍ୟତୀତ ଗିରଫ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁକ୍ତ କରିବା ଏବଂ ସେମାନଙ୍କ ବିରୋଧରେ ଦାୟର୍ ମାମଲାଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଅନ୍ୟପକ୍ଷରେ ବିକ୍ଷୋଭକାରୀ ଛାତ୍ରଛାତ୍ରୀଙ୍କୁ ଯେଉଁ ପୁଲିସ୍ ଅଧିକାରୀମାନେ ବିନା କାରଣରେ ଗିରଫ କରିଛନ୍ତି, ସେମାନଙ୍କୁ ଚାକିରିରୁ ନିଲମ୍ବନ କରିବା ଲାଗି ସଙ୍ଗଠନ ପକ୍ଷରୁ କୁହାଯାଇଛି ।

ଇତିମଧ୍ୟରେ ବାଂଲାଦେଶର ପରିସ୍ଥିତିକୁ ଅନୁଧ୍ୟାନ କରିବାଲାଗି ଆସିଥିବା ୧୪ ଜଣିଆ ବିଦେଶୀ ପ୍ରତିନିଧି ଦଳ ସେଠାକାର ଆଇନ ମନ୍ତ୍ରୀ ହାସନ ମହମ୍ମୁଦଙ୍କୁ ଏ କ୍ଷେତ୍ରରେ ସ୍ଥାୟୀ ସମାଧାନ ନିମନ୍ତେ କହିଛନ୍ତି । ଏକ ପତ୍ର ଜରିଆରେ ସମ୍ପୃକ୍ତ ବିଦେଶୀ ପ୍ରତିନିଧିମାନେ ବାଂଲାଦେଶରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ପ୍ରତିନିଧି ଦଳରେ ୟୁରୋପୀୟ ସଂଘର ପ୍ରତିନିଧିଙ୍କ ସମେତ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ସ୍ପେନ୍, ନେଦରଲ୍ୟାଣ୍ଡସ୍, କାନାଡ଼ା, ସୁଇଜରଲ୍ୟାଣ୍ଡ, ସ୍ୱିଡେନ୍, ଡେନ୍‌ମାର୍କ, ନରୱେ ଏବଂ ଅଷ୍ଟ୍ରେଲିଆର ପ୍ରତିନିଧିମାନେ ଅଛନ୍ତି ।

ଅନ୍ୟପକ୍ଷରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା  ସେଠାରେ ଦେଖାଦେଇଥିବା ଛାତ୍ର ଅଶାନ୍ତିକୁ ବିରୋଧୀ ରାଜନୈତିକ ଦଳର ଷଡ଼ଯନ୍ତ୍ର ବୋଲି ବର୍ଣ୍ଣନା କରିଛନ୍ତି ।

## ମହା - ଗୋୟଲ୍ - ବଜେଟ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ବଜେଟ୍-୨୦୨୪ ହେଉଛି ସମସ୍ତଙ୍କ ବଜେଟ୍ । ଦେଶ ପାଇଁ ଅମୃତ ପିଢ଼ି ସୃଷ୍ଟି କରିବା ନିମନ୍ତେ ଏହି ବଜେଟ୍‌ର ଲକ୍ଷ୍ୟ ରହିଛି । ବଜେଟ୍ ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରି ଶ୍ରୀ ଗୋୟଲ୍ କହିଛନ୍ତି, ଚଳିତ ଥର ବଜେଟ୍‌ଦ୍ୱାରା ଦେଶର ୧୪୦ କୋଟି ଲୋକ ଉପକୃତ ହେବେ । ମୁମ୍ବାଇଠାରେ ଆୟୋଜିତ ଏକ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ୍ କହିଛନ୍ତି, ଏହି ବଜେଟ୍‌ଦ୍ୱାରା କେବଳ ଗରିବ ନୁହେଁ; ବରଂ କୃଷକ, ଯୁବବର୍ଗ ଏବଂ ମହିଳାମାନେ ମଧ୍ୟ ଉପକୃତ ହେବେ । ମହିଳାମାନେ ଅଧିକ ସୁଯୋଗ ଲାଭ କରିବା ସହିତ କୃଷକମାନଙ୍କର ଆୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି । ଦେଶର ୪ କୋଟି ଯୁବବର୍ଗ ଦକ୍ଷତା ବିକାଶ ଏବଂ ପ୍ରଶିକ୍ଷଣ ମାଧ୍ୟମରେ ନିଜକୁ ରୋଜଗାରକ୍ଷମ କରିବା ଲାଗି ପ୍ରସ୍ତୁତ କରିପାରିବେ । ଏହି ବଜେଟ୍ ନିଯୁକ୍ତି

ସୁଯୋଗ ସୃଷ୍ଟି କରିବା ସହ ବ୍ୟବସାୟକୁ ସହଜ ଏବଂ ସରଳ କରିପାରିବ ବୋଲି ସେ କହିଛନ୍ତି ।

## ୱିମେନ୍ କ୍ରିକେଟ୍

ଶ୍ରୀଲଙ୍କାର ଦାମ୍ବୁଲାଠାରେ ଚାଲିଥିବା ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ୮ ୱିକେଟ୍‌ରେ ଭାରତକୁ ପରାସ୍ତ କରିଛି । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା । ଏହାର ଜବାବ୍‌ରେ ଶ୍ରୀଲଙ୍କା ୧୮ ଓଭର ୪ଟି ବଲ୍‌ରେ ୨ ୱିକେଟ୍ ହରାଇ ୧୬୭ ରନ୍ କରିଥିଲା । ଭାରତ ପକ୍ଷରୁ ସ୍ମୃତି ମାନ୍ଧାନା ୪୭ ବଲ୍‌ରେ ୬୦ ରନ୍ ସଂଗ୍ରହ କରିଥିଲେ ।

*****